# ହୀରାପୁରରେ ଯୋଗିନୀ ଉପାସନା

ଡକ୍ଟର ତ୍ରିନାଥ ପଟ୍ଟନାୟକ

ତନ୍ତ୍ରର ଦେବୀ ହେଉଛନ୍ତି ଯୋଗିନୀ । ଦେବୀ ଯୋଗସାଧନ କରିଥିବା ଯୋଗୁଁ ଯୋଗିନୀ, ଏବେ ମଧ୍ୟ କୌଣସି ପୁରୁଷ ଯୋଗସାଧନ କଲେ ଯୋଗୀ ଓ ନାରୀ ଯୋଗସାଧନ କଲେ ଯୋଗିନୀ ବୋଲି କୁହାଯାଏ । ପୁରାଣରେ ଯୋଗିନୀମାନଙ୍କର ରୂପସୌନ୍ଦର୍ଯ୍ୟକୁ ଅନୁପମ ରୂପେ ଚିତ୍ରଣ କରାଯାଇଛି । ଏମାନେ ପରମ ସୁନ୍ଦରୀ । ଆଉ ମଧ୍ୟ ସ୍ଥାନେ ସ୍ଥାନେ ଯୋଗିନୀମାନେ ଭୟଙ୍କର ରୂପରେ ପ୍ରକଟ ହୋଇଛନ୍ତି । ସେମାନେ ରଣଚଣ୍ଡୀ, ଡାକିନୀ, ଶାକିନୀ ରୂପରେ ପରିଚିତା । ମାତ୍ର ଆମ୍ଭେ ମନ୍ଦିର ଗାତ୍ରରେ ହେଉ କିମ୍ବା ଯୋଗିନୀ ଉପାସନା କ୍ଷେତ୍ରମାନଙ୍କରେ ଯେଉଁସବୁ ଯୋଗିନୀଙ୍କର ମୂର୍ତ୍ତି ଦେଖୁ ସେମାନଙ୍କ ମଧ୍ୟରୁ ଅଧିକାଂଶ ପରମ ସୁନ୍ଦରୀ ।

ଯୋଗିନୀମାନେ ପ୍ରମଦା, ମୁଖ ବିକଚ ପଙ୍କଜ, ନୟନଦ୍ୱୟ ନୀଳକଇଁ, ପୃଥୁଳ ପୟୋଧରନତ ଶ୍ରୋଣୀ, ପକ୍ୱବିମ୍ବସମ ଅଧର, ଗଜଗାମିନୀ, ଦୀର୍ଘ କବରୀ ଜାଲରେ ନାନା କୁସୁମ ଖଞ୍ଜିତ ବେଣୀ ଓ ରକ୍ତ ବସନ ପରିହିତା । ସତେ ଯେମିତି ତ୍ରିପୁର ମୋହିବା ନିମନ୍ତେ ଏମାନଙ୍କର ସୃଷ୍ଟି, କଣ୍ଠରେ ମୁକ୍ତାହାର, ଚରଣରେ ନୂପୁରର ରୁଣୁଝୁଣୁ ନାଦ । ବଚନ ବିକବାଣୀ ଭଳି ମଧୁର । ଯୋଗିନୀମାନେ ଅଷ୍ଟାଦଶ ବୟସୀସମ ଦେଖାଯାଆନ୍ତି ।

ପ୍ରକୃତରେ ଯୋଗିନୀଗଣ ହେଉଛନ୍ତି ଶ୍ରୀଦୁର୍ଗାଙ୍କର ସହଚରୀ ତଥା ଅବତାର ଧାରିଣୀ ଦେବୀଗଣ । ସେମାନେ ହେଉଛନ୍ତି– ମାର୍ଜନୀ, କର୍ପୂରତିଳକା, ମଳୟଗନ୍ଧିନୀ, କୌମୁଦିକା, ଭେରୁଣ୍ଡା, ମାତଳୀ, ନାୟକୀ, ଜୟା ବା ସଭାଚାରା, ସୁଲକ୍ଷଣା ବା ସୁନନ୍ଦା । ଏହା ଏକ ତାନ୍ତ୍ରିକ ମତ ।

ଦକ୍ଷଯଜ୍ଞର ଅଗ୍ନିରେ ଝାସ ଦେଇଥିବା ସତୀଙ୍କ ଶବକୁ ଶିବ କାନ୍ଧରେ ପକାଇ ବୁଲୁଥିବାବେଳେ ବିଷ୍ଣୁ ସୁଦର୍ଶନ ଚକ୍ରଦ୍ୱାରା ଉକ୍ତ ଶବକୁ ଛିନ୍ନଭିନ୍ନ କରି ଦେଇଥିଲେ । ଉକ୍ତ ଶବର ଅଙ୍ଗମାନ ଯେଉଁ ଯେଉଁ ସ୍ଥାନରେ ପଡିଥିଲା ସେହି ସ୍ଥାନମାନଙ୍କରେ ଗୋଟିଏ ଗୋଟିଏ ଯୋଗିନୀ ବା ଭୈରବୀ ପୂଜା ପାଉଛନ୍ତି ।

ଅଷ୍ଟଯୋଗିନୀରୁ ୬୪ ଯୋଗିନୀ ଓ ନବକୋଟି (ଗୋଟି) କାତ୍ୟାୟନୀ ସୃଷ୍ଟି ହୋଇଛନ୍ତି । ଯୋଗିନୀ ବା ମାତୃକାମାନେ ଆମ ସଂସ୍କୃତିକୁ କେମିତି ଆସିଲେ ସେମାନଙ୍କର ସୃଷ୍ଟି ରହସ୍ୟ କ'ଣ, ଏ ବିଷୟରେ ପୁରାଣସବୁ ବିଭିନ୍ନ ମତ ଦିଅନ୍ତି । ମାର୍କଣ୍ଡେୟ ପୁରାଣ ଅନୁସାରେ ରକ୍ତବୀର୍ଯ୍ୟ ରାକ୍ଷସକୁ ବଧ କରିବା ନିମନ୍ତେ ଦେବତାମାନେ ସେମାନଙ୍କ ଆକୃତି ସଦୃଶ ମାତୃକାମାନଙ୍କୁ ସୃଷ୍ଟି କରିଛନ୍ତି ଏବଂ ଶ୍ରୀଦୁର୍ଗାଙ୍କୁ ସାହାଯ୍ୟ କରିବା ପାଇଁ ପ୍ରେରଣ କରିଛନ୍ତି । କାହିଁକିନା ରକ୍ତବୀର୍ଯ୍ୟକୁ ଶ୍ରୀଦୁର୍ଗା ଏକା ସଂହାର କରିବା ସମ୍ଭବ ନଥିଲା । ରକ୍ତବୀର୍ଯ୍ୟ ଏଭଳି ଶକ୍ତି ସମ୍ପନ୍ନ ଥିଲା ଯେ ଯଦି ସେ ଆଘାତପ୍ରାପ୍ତ ହେଉଥିଲା ଓ ତା' ଦେହରୁ ରକ୍ତ ଝରି ମାଟିରେ ପଡୁଥିଲା, ପ୍ରତି ରକ୍ତବିନ୍ଦୁରୁ ତା' ଭଳି ବହୁ ରାକ୍ଷସ ସୃଷ୍ଟି ହୋଇ ଯାଉଥିଲେ । ଯୋଗିନୀମାନେ ରକ୍ତବୀର୍ଯ୍ୟର ରକ୍ତକୁ ଶୋଷଣ କରିଯାଉଥିଲେ ।

ତନ୍ତ୍ରଶାସ୍ତ୍ରରେ ବର୍ଣ୍ଣିତ ଅଷ୍ଟଚଣ୍ଡୀ ହେଉଛନ୍ତି– ଉଗ୍ରଚଣ୍ଡା, ଭଦ୍ରକାଳୀ, ଦୁର୍ଗା, ଉଗ୍ରତାରା, କୌଶିକୀ, କାଳୀ, ଶିବଦୂତୀ ଓ ମହାମାୟା । ପ୍ରତ୍ୟେକଙ୍କ ନିକଟରୁ ଆଠଦେବୀ ହିସାବରେ ଚତୁଃଷଷ୍ଠୀ ଯୋଗିନୀ ସମ୍ଭୁତା ।

ଯୋଗୀମାନେ ବିଭିନ୍ନ ସ୍ଥାନରେ ଗ୍ରାମଦେବତୀ ରୂପେ ପୂଜା ପାଇ ଆସୁଛନ୍ତି । ହଇଜା ହେଲେ ତାହା ଯୋଗିନୀମାନଙ୍କ

ଉପଦ୍ରବ ବୋଲି ଏବେ ମଧ୍ୟ ଲୋକେ ବିଶ୍ୱାସ କରନ୍ତି । କାଳିକାପୁରାଣ, ଅଗ୍ନିପୁରାଣ ଓ ବୃହତ୍ ନନ୍ଦିକେଶ୍ୱର ପୁରାଣରେ ଅଷ୍ଟଯୋଗିନୀ ତଥା ଚତୁଃଷଷ୍ଠୀ ଯୋଗିନୀମାନଙ୍କ ନାମ ନିମ୍ନମତେ ବର୍ଣ୍ଣନା କରାଯାଇଛି ।

**ଅଷ୍ଟଯୋଗିନୀ:** ଶୈଳପୁତ୍ରୀ, ଚଣ୍ଡଘଣ୍ଟା, ସ୍କନ୍ଦମାତା, କାଳରାତ୍ରୀ, ଚଣ୍ଡିକା, କୁଷ୍ମାଣ୍ଡୀ, କାତ୍ୟାୟନୀ, ମହାଗୌରୀ ।

**୬୪ ଯୋଗିନୀଙ୍କ ନାମ:** ୧– ନାରାୟଣୀ, ୨– ଗୌରୀ, ୩– ଶାକମ୍ଭରୀ, ୪– ଭୀମା, ୫– ରକ୍ତଦନ୍ତିକା, ୬– ଭ୍ରାମରୀ, ୭– ପାର୍ବତୀ, ୮– ଦୁର୍ଗା, ୯– କାତ୍ୟାୟନୀ, ୧୦– ମହାଦେବୀ, ୧୧– ଚଣ୍ଡଘଣ୍ଟା, ୧୨– ମହାବିଦ୍ୟା, ୧୩– ମହାତପା, ୧୪– ସାବିତ୍ରୀ, ୧୫– ବ୍ରହ୍ମବାଦିନୀ, ୧୬– ଭଦ୍ରକାଳୀ, ୧୭– ବିଶାଳାକ୍ଷୀ, ୧୮– କୃଷ୍ଣପିଙ୍ଗଳା, ୧୯– ରୁଦ୍ରାଣୀ, ୨୦– ଅଗ୍ନିଜ୍ୱଳା, ୨୧– ରୌଦ୍ରମୁଖୀ, ୨୨– କାଳରାତ୍ରୀ, ୨୩– ତପସ୍ୱିନୀ, ୨୪– ମେଘସ୍ୱନା, ୨୫– ସହସ୍ରାକ୍ଷୀ, ୨୬– ବିଷ୍ଣୁମାୟା, ୨୭– ଜଳୋଦରୀ, ୨୮– ମହୋଦରୀ, ୨୯– ମୁକ୍ତକେଶୀ, ୩୦– ଘୋରରୂପା, ୩୧– ମହାବଳା, ୩୨– ଶୃତି, ୩୩– ସ୍ମୃତି, ୩୪– ଧୃତି, ୩୫– ତୁଷ୍ଟି, ୩୬– ପୁଷ୍ଟି, ୩୭– ମେଧା, ୩୮– ବିଦ୍ୟା, ୩୯– ଲକ୍ଷ୍ମୀ, ୪୦– ସରସ୍ୱତୀ, ୪୧– ଅପର୍ଣ୍ଣା, ୪୨– ଅମ୍ବିକା, ୪୩– ଯୋଗିନୀ, ୪୪– ଡାକିନୀ, ୪୫– ଶାକିନୀ, ୪୬– ହାକିନୀ, ୪୭– ଲାକିନୀ, ୪୮– ତ୍ରିଦଶେଶ୍ୱରୀ, ୪୯– ମହାଷଷ୍ଠୀ, ୫୦– ସର୍ବମଙ୍ଗଳା, ୫୧– ଲଜ୍ଜା, ୫୨– କୌଶକୀ, ୫୩– ବ୍ରହ୍ମାଣୀ, ୫୪– ମାହେଶ୍ୱରୀ, ୫୫– କୌମାରୀ, ୫୬– ବୈଷ୍ଣବୀ, ୫୭– ଐନ୍ଦ୍ରୀ, ୫୮– ନାରସିଂହୀ, ୫୯– ବାରାହୀ, ୬୦– ଚାମଣ୍ଡା, ୬୧– ଶିବଦୂତୀ, ୬୨– ବିଷ୍ଣୁଦୂତୀ, ୬୩– ଚଣ୍ଡିକା ଓ ୬୪– ମାତୃକା ।

ଜ୍ୟୋତିଷ ଶାସ୍ତ୍ରରେ ମଧ୍ୟ ଆଠଗୋଟି ଦଶାଯୋଗିନୀ ଅଛନ୍ତି । ଏମାନେ ଜାତକରେ ଦଶବିଧ ମହାଦଶା ପ୍ରଦାନ କରିଥାନ୍ତି । ୧– ମଙ୍ଗଳା ଦଶା (ଶୁଭ) ୧ ବର୍ଷ ଭୋଗ କାଳ । ପିଙ୍ଗଳାଦଶା (ଶୁଭ) ୨ ବର୍ଷ ଭୋଗକାଳ । ଧନ୍ୟାଦଶା (ଶୁଭ) ୩ ବର୍ଷ ଭୋଗ କାଳ । ଭ୍ରାମରୀଦଶା (ଅଶୁଭ) ୫ ବର୍ଷ ଭୋଗକାଳ । ଭଦ୍ରିକା ଦଶା (ଶୁଭ) ୫ ବର୍ଷ ଭୋଗ କାଳ । ଉଲ୍କାଦଶା (ଅଶୁଭ) ୬ ବର୍ଷ ଭୋଗକାଳ ସିଦ୍ଧା (ଶୁଭ) ୭ବର୍ଷ ଭୋଗ କାଳ । ସଙ୍କଟା ଦଶା (ଅଶୁଭ)– ୮ ବର୍ଷ ଭୋଗକାଳ ।

ଫଳିତ ଜ୍ୟୋତିଷ ଶାସ୍ତ୍ର କାଳଯୋଗିନୀ ଯୋଗ କଥା ଉଲ୍ଲେଖ ଅଛି । ଏମାନେ ତିଥି ବିଶେଷରେ ଦିଗ୍ ବିଶେଷକୁ ଅଧିକାର କରି ରହିଥାନ୍ତି । ଏମାନଙ୍କୁ ତିଥିଯୋଗିନୀ ବୋଲି ମଧ୍ୟ କୁହାଯାଏ ।

ବ୍ରହ୍ମଣୀ– ପ୍ରତିପଦ ଓ ନବମୀ ତିଥିରେ ପୂର୍ବ ଦିଗରେ ଅବସ୍ଥାନ କରନ୍ତି । ସେହିଭଳି ମାହେଶ୍ୱରୀ– ୨ୟା ଓ ୧୦ମୀରେ ଉତ୍ତରରେ, କୌମାରୀ– ୩ୟା ଓ ଏକାଦଶୀରେ ଆଗ୍ନେୟ କୋଣରେ, ନାରାୟଣୀ– ୪ର୍ଥୀ ଓ ଦ୍ୱାଦଶୀରେ ନୈଋତରେ, ବାରାହୀ– ୫ମୀ ଓ ତ୍ରୟୋଦଶୀରେ ଦକ୍ଷିଣରେ, ଇନ୍ଦ୍ରାଣୀ ବା ଐନ୍ଦ୍ର– ୬ଷ୍ଠୀ ଓ ଚତୁର୍ଦ୍ଦଶୀରେ ପଶ୍ଚିମରେ, ଚାମୁଣ୍ଡା–୭ମୀ ଓ ପୂର୍ଣ୍ଣିମାରେ ବାୟୁକୋଣରେ, ମହାଲକ୍ଷ୍ମୀ–୮ମୀ ଓ ଅମାବାସ୍ୟାରେ ଈଶାନ କୋଣରେ ରହିଥାନ୍ତି । ଯାତ୍ରା ସମୟରେ ଯାତ୍ରୀର ସମ୍ମୁଖରେ ବା ଦକ୍ଷିଣ (ଡାହାଣ) ଦିଗରେ ଯୋଗିନୀ ଥିଲେ ମୃତ୍ୟୁ ଘଟେ ବୋଲି ବିଶ୍ୱାସ କରାଯାଏ । ଏହାକୁ ସମ୍ମୁଖ ଯୋଗିନୀ ବା ଦକ୍ଷିଣ ଯୋଗିନୀ ବୋଲି କୁହାଯାଏ । ବାମ ଦିଗରେ ବା ପୃଷ୍ଠ ଭାଗରେ ଯୋଗିନୀ ଥିବା ଅବସ୍ଥାରେ ଯାତ୍ରା କଲେ ଶୁଭଫଳ ମିଳିଥାଏ ।

ତନ୍ତ୍ରଶାସ୍ତ୍ରରେ ଯୋଗିନୀ ସାଧନ କଥା ଉଲ୍ଲେଖ ଅଛି । ସେଥିନିମନ୍ତେ ଯୋଗିନୀମାନଙ୍କର ଭିନ୍ନ ଭିନ୍ନ ବୀଜମନ୍ତ୍ର ଓ ଧ୍ୟାନ ମନ୍ତ୍ର ଅଛି । ସାଧକ ମନ୍ତ୍ରସିଦ୍ଧ ହେଲେ ଯୋଗିନୀ ସାଧକ ସମ୍ମୁଖରେ ଦଣ୍ଡାୟମାନ ହୁଅନ୍ତି ବା ପ୍ରଚ୍ଛନ୍ନରେ ସୂଚନା ପ୍ରଦାନ କରନ୍ତି । ସାଧକ ଯୋଗିନୀଙ୍କୁ ଯେଉଁ ରୂପରେ ପାଇବାକୁ ଇଚ୍ଛା କଲେ ସେ ତାହାହିଁ ଅଙ୍ଗୀକାର କରିଥାନ୍ତି । ସାଧାରଣତଃ ଦେବୀ ତିନି ପ୍ରକାର ରୂପ ପ୍ରକାଶ କରିଥାନ୍ତି– ମାତା, ଭଗିନୀ ଅଥବା ଭାର୍ଯ୍ୟା । ଭଗ୍ନୀ ହେଲେ ଦ୍ରବ୍ୟ, ବସ୍ତ୍ର ଓ ଦିବ୍ୟକନ୍ୟା ଆଣି ଦିଅନ୍ତି । ମାତା ହେଲେ ସାଧକକୁ ଦ୍ରବ୍ୟ, ବସ୍ତ୍ର ଓ ରାଜ୍ୟ ତଥା ଶାସକର ଅଧିକାର ଦିଅନ୍ତି । ଭାର୍ଯ୍ୟା ରୂପରେ ରହିଲେ ସାଧକକୁ ରାଜେନ୍ଦ୍ର ପଦ ବିପୁଳ ଧନ ଦେଇ ଭାର୍ଯ୍ୟା ରୂପରେ ସାଧକର ଯାବତୀୟ ସେବା କରନ୍ତି । ମାତ୍ର ସମୟ ଆସିଲେ ସାଧକର ପାରିବାରିକ ଓ ସାମାଜିକ କ୍ଷେତ୍ରରେ ବିପର୍ଯ୍ୟୟ ହୋଇଥାଏ ।

ଯେଉଁମାନେ ଯୋଗିନୀଙ୍କୁ ମାତା ଦୃଷ୍ଟିରେ ଦେଖିଛନ୍ତି ସେମାନଙ୍କର ବହୁ ମଙ୍ଗଳ ହୋଇଛି । ଦେବୀ ପୁତ୍ରବତ ସାଧକକୁ ପାଳନ କରନ୍ତି । ନାନା ପ୍ରକାର ଅଭିଳକ୍ଷିତ ଦ୍ରବ୍ୟ ପ୍ରଦାନ କରନ୍ତି । ଦେବୀ ଜନନୀ ରୂପରେ ରହିଲେ, ସାଧକର ପାରିବାରିକ ଜୀବନ

ସୁଖମୟ ହୁଏ । ପତ୍ନୀ ଦେବକନ୍ୟା, ନାଗକନ୍ୟା କିମ୍ବା ରାଜକନ୍ୟା ଭଳି ଦେଖାଯାଆନ୍ତି । ସାଧକ ଭୂତ ଭବିଷ୍ୟତ ଓ ବର୍ତ୍ତମାନ ଜାଣିପାରନ୍ତି । ଯୋଗିନୀ ସାଧନା ବିନା ଗୁରୁରେ ଅସମ୍ଭବ । ସାଧକଙ୍କର କ୍ଷତି ହୋଇଥାଏ ।

ତନ୍ତ୍ରଶାସ୍ତ୍ରମାନଙ୍କରେ ବର୍ଣ୍ଣିତ ଅଛି– ଯୋଗିନୀ ସାଧନ କରିବାକୁ ହେଲେ ସାଧକ ପ୍ରାତଃକାଳରେ ଉଠି ସ୍ନାନାଦି ନିତ୍ୟକ୍ରିୟା ସମାପନ କରି 'ହୌ' ଏହି ମନ୍ତ୍ରରେ ଆଚମନ କରିବ । ତା'ପରେ 'ଓଁ ସହସ୍ରାରଂ ହୁଁ ପଟ୍' ଏହି ମନ୍ତ୍ରରେ ଦିଗବନ୍ଧନ କରିବ । 'ଓଁ ହ୍ରୀ ହୁଂ' ଏହି ମନ୍ତ୍ରରେ ପ୍ରାଣାୟମ କରିବ । ଏହାପରେ 'ହ୍ରାଂ ଅଙ୍ଗୁଷ୍ଠାଭ୍ୟାଂ ନମଃ' ଏହି ମନ୍ତ୍ରରେ ଷଡାଙ୍ଗନ୍ୟାସ କରିବ ଏବଂ ଗୋଟିଏ ଅଷ୍ଟଦଳ ପଦ୍ମ ଅଙ୍କନ କରି ସେହି ପଦ୍ମରେ ଦେବୀଙ୍କର ଜୀବନ୍ୟାସ କରିବ ଏବଂ ପୀଠ ଦେବତାଙ୍କୁ ଆବାହନ କରିବା ସହିତ ଦେବୀଙ୍କର ଧ୍ୟାନ କରିବ । ଦେବୀଙ୍କୁ ଏଭଳି ଭାବରେ ଧ୍ୟାନ କରିବାକୁ ହେବ– ତାଙ୍କର ବଦନ ପୂର୍ଣ୍ଣଚନ୍ଦ୍ର ପରି, ଗୌରବର୍ଣ୍ଣା, ପରିଧାନ ବିଚିତ୍ର ବସନ, କୁଚ ଯୁଗଳ ସ୍ଥୂଳ ଏବଂ ଉନ୍ନତ ଏବଂ ଦେବୀଙ୍କ ସର୍ବାଙ୍ଗ ଅଭୟ ବର ଦାୟିନୀ ମୁଦ୍ରା ଇତ୍ୟାଦି ଇତ୍ୟାଦି । ଏହିଭଳି ଧ୍ୟାନ କରି ମୂଳମନ୍ତ୍ରରେ ଦେବୀଙ୍କର ପୂଜା କରିବ । ମୂଳମନ୍ତ୍ର ଉଚ୍ଚାରଣ କରି ଆସନ, ପାଦାସନ, ଗନ୍ଧ, ଚନ୍ଦନ, କର୍ପୂର ନୈବେଦ୍ୟ ତାମ୍ବୂଳ ଆଦି ଦେବ । ତା'ପରେ 'ଓଁ ହ୍ରୀଂ ଆଗଛ' ସୁରସୁନ୍ଦରୀ ସ୍ୱାହା' ଏହି ମନ୍ତ୍ର ପ୍ରତିଦିନ ତ୍ରିସଂଧ୍ୟାରେ ଧ୍ୟାନ କରି ଏକ ସହସ୍ର ଜପ କରିବ । ଏପରି କଲେ ଅର୍ଦ୍ଧରାତ୍ରୀ ସମୟରେ ଦେବୀ ସାଧକ ନିକଟରେ ଉପସ୍ଥିତ ହୋଇଥା'ନ୍ତି ବୋଲି ସାଧକମାନେ ବିଶ୍ୱାସ କରନ୍ତି ।

ଯୋଗିନୀମାନେ ଉଡ୍ରତନ୍ତ୍ର ଜଗତରେ ମୁଖ୍ୟ ଭୂମିକା ଗ୍ରହଣ କରୁଥିଲେ । ଯୋଗିନୀ ସାଧନା ବିନା କୌଳ ଆରାଧନା ସମ୍ଭବ ନଥିଲା । ଏଣୁ ଅଷ୍ଟମ ଶତାବ୍ଦୀ ବେଳକୁ ଓଡିଶାରେ ଯୋଗିନୀ ପୂଜନର ଅଭ୍ୟୁଦୟ ହୋଇଥାଇପାରେ । କାପାଳିକମାନେ କୌଳ ସାଧନାରେ ଯୋଗିନୀମାନଙ୍କର ସହାୟତା ନେଉଥିଲେ । ଓଡିଶାରେ ଯୋଗିନୀ ସାଧନା ନିମନ୍ତେ ଦୁଇଗୋଟି ପୀଠ ପ୍ରସିଦ୍ଧ ଥିଲା । ଗୋଟିଏ ଭୁବନେଶ୍ୱର ନିକଟସ୍ଥ ହୀରାପୁର ଓ ଦ୍ୱିତୀୟଟି ବଲାଙ୍ଗୀର ଜିଲ୍ଲାର ରାଣୀପୁର ଝରିଆଲ ।

ତାନ୍ତ୍ରିକମାନଙ୍କର ସମାଜରେ ବିଶେଷ ସମ୍ମାନ ଥିଲା । ସେମାନେ ଜନସାଧାରଣଙ୍କର ପ୍ରିୟ ହେବା ସହିତ ରାଜ୍ୟ ଶାସନରେ ମଧ୍ୟ ପରାମର୍ଶଦାତା ଥିଲେ । ରାଜାରାଣୀମାନେ ସେମାନଙ୍କର ଅଧୀନସ୍ଥ ହୋଇଯାଇଥିଲେ । 'ଭୌମକର ବଂଶ'ର ରାଣୀମାନେ ଏହି କୌଳସାଧକମାନଙ୍କ ଦ୍ୱାରା ଅନୁପ୍ରାଣିତ ହୋଇଥିଲେ ଓ ଓଡିଶାରେ ଶାକ୍ତପୀଠ ନିର୍ମାଣରେ ମୁଖ୍ୟ ଭୂମିକା ନିଭାଇଥିଲେ । ମୋହିନୀ ଦେବୀ ମୋହିନୀ ମନ୍ଦିର । ଗୌରୀ ଦେବୀ ଗୌରୀମନ୍ଦିର । ତ୍ରିଭୁବନଦେବୀ କାପାଳିନୀ ମନ୍ଦିର ସ୍ଥାପନ ଓ ନିର୍ମାଣ କରିଥିଲେ । ଭୌମକର ବଂଶର ରାଜା ଶାନ୍ତିକର ଦେବଙ୍କ ଦ୍ୱିତୀୟ ରାଣୀ ହୀରାଦେବୀ ଭୁବନେଶ୍ୱରଠାରୁ ଆଠ କିଲୋମିଟର ଦୂରରେ ଭାର୍ଗବୀ ନଦୀର ଦକ୍ଷିଣ କୂଳରେ ହୀରାପୁର ଶାସନ ସ୍ଥାପନ କରିଥିଲେ । ସେଠାରେ ଯୋଗିନୀ ଉପାସନ ନିମନ୍ତେ ଚଉଷଠି ଯୋଗିନୀ ମନ୍ଦିର (ଖ୍ରୀ–୮୦୦–ଖ୍ରୀ–୮୦୨) ନିର୍ମାଣ କରିଥିଲେ । ଏହା ଭାରତର ଚାରିଗୋଟି ମୁଖ୍ୟ ଯୋଗିନୀ ପୀଠ ମଧ୍ୟରୁ ପ୍ରଥମ ଯୋଗିନୀ ପୀଠ । ଚଉଷଠି ଯୋଗିନୀ ମନ୍ଦିରର ଉପରି ଭାଗ ସମ୍ପୂର୍ଣ୍ଣ ଖୋଲା । ଗୋଲାକାର ମଣ୍ଡଳାକୃତି କାନ୍ଥର ଉଚ୍ଚତା ୮ ରୁ ୯ ଫୁଟ । ପୀଠଟିର ବାହ୍ୟ ଓ ଅଭ୍ୟନ୍ତର ପରିଧି ଯଥାକ୍ରମେ ୯୦ ଫୁଟ ଓ ୨୫ ଫୁଟ ଅଟେ ।

ଯେପରି ଶିବଲିଙ୍ଗ ଚତୁଃପାର୍ଶ୍ୱରେ ଗୋଟିଏ ଶକ୍ତିପୀଠ ଥାଏ । ସେହଭଳି ହୀରାପୁରର ଚଉଷଠି ଯୋଗିନୀ ମନ୍ଦିରଟି ଠିକ୍ ସେହିଭଳି ନିର୍ମାଣ ହୋଇଛି । ଗୋଲାକାର ବାହାର ପ୍ରାଚୀର କାନ୍ଥରେ ନଅଗୋଟି କାତ୍ୟାୟନୀ ମୂର୍ତ୍ତି ବିରାଜମାନ କରିଛନ୍ତି । ଏମାନଙ୍କର ମୁଖମୁଦ୍ରା ଭୀଷଣ । ହାତରେ ପାନପତ୍ର ଓ ଆୟୁଧ ଧାରଣ କରିଛନ୍ତି । ମନ୍ଦିରର ଏକମାତ୍ର ପ୍ରବେଶ ଦ୍ୱାରର ଦୁଇ ପାର୍ଶ୍ୱରେ ଦୁଇଜଣ ଭୀଷଣାକୃତି ଭୈରବ ମୂର୍ତ୍ତି ଦଣ୍ଡାୟମାନ ଅଛନ୍ତି । ସେ ଦୁହିଙ୍କର କ୍ରୋଟର ଚକ୍ଷୁ, ବେକରେ ନୃମୁଣ୍ଡମାଳା, ହାତରେ ଖଡ୍ଗ ।

ମନ୍ଦିରର ଭିତର ପାର୍ଶ୍ୱ କାନ୍ଥରେ ଷାଠିଏ ଗୋଟି ଖୋପ ଅଛି । ପ୍ରତ୍ୟେକ ଖୋପରେ ବିଭିନ୍ନ ଆୟୁଧ ସୁସଜ୍ଜିତ ଯୋଗିନୀମାନେ ବାହନରେ ବସିଛନ୍ତି । ସେମାନଙ୍କ ମଧ୍ୟରୁ ଅନେକ ହାସ୍ୟମୁଖ୍ୟ, ଭିନ୍ନ ଭିନ୍ନ ଧରଣର ଜୁଡା ବାନ୍ଧିଛନ୍ତି, ସୁନ୍ଦରୀ । କେହି କେହି ଭୀଷଣ ମୁଖ ମୁଦ୍ରାରେ ହସ୍ତରେ ଆୟୁଧ ଧରି ଦଣ୍ଡାୟମାନ ଅଛନ୍ତି । ଏ ମୂର୍ତ୍ତିଗୁଡିକ କଳାମୁଗୁନି ପଥରରେ ନିର୍ମିତ ।

ମଧ୍ୟବର୍ତ୍ତୀ ଚତୁଷ୍କୋଣ ବିଶିଷ୍ଟ ସ୍ତମ୍ଭାକୃତି ପୀଠର ଚାରି ଦିଗରେ ଚାରିଗୋଟି ମୂର୍ତ୍ତି ବିରାଜମାନ । ସେଥିମଧ୍ୟରୁ ଗୋଟିଏ

ମୂର୍ତ୍ତି କୌଣସି କାରଣ ବଶତଃ ନାହିଁ । ସେହି ସ୍ଥାନ ଶୂନ୍ୟ ପଡିଛି । ସେହି ତିନୋଟି ମୂର୍ତ୍ତି ମଧ୍ୟରେ 'ଅଜୈକ ପାଦ' ମୂର୍ତ୍ତି ଅନ୍ୟତମ ଅଟେ । ଉକ୍ତ ମନ୍ଦିରରେ ଥିବା ୮୦ ଗୋଟି ମୂର୍ତ୍ତି ମଧ୍ୟରୁ ୬୩ ଗୋଟି ଯୋଗିନୀ ମୂର୍ତ୍ତି (ଗୋଟିଏ ମୂର୍ତ୍ତି ନାହିଁ) ୯ଟି କାତ୍ୟାୟନୀ ୪ଟି ଭୈରବ ୨ଟି ଦ୍ୱାରପାଳ ଓ ୨ଟି ପୁରୁଷ ମୂର୍ତ୍ତି ।

ମନ୍ଦିରରେ ଥିବା ଯୋଗିନୀ ମୂର୍ତ୍ତି ଅନ୍ୟାନ୍ୟ ଯୋଗିନୀ ପୀଠରେ ଥିବା ମୂର୍ତ୍ତିଠାରୁ ଅପେକ୍ଷାକୃତ ସୁନ୍ଦର ଓ ସ୍ୱଷ୍ଟ । ବର୍ତ୍ତମାନ ବିରାଜିତା ୬୩ ଗୋଟି ଯୋଗିନୀ ମୂର୍ତ୍ତି ମଧ୍ୟରେ ଦଶଭୁଜା ମହାମାୟାଙ୍କ ବ୍ୟତୀତ ୧୯ଟି ଚତୁର୍ଭୁଜା ମୂର୍ତ୍ତି ଓ ୪୩ଟି ଦ୍ୱିଭୁଜା ମୂର୍ତ୍ତି ଅଟନ୍ତି ।

ହୀରାପୁର ଯୋଗିନୀ ପୀଠର ପ୍ରବେଶ ଦ୍ୱାରରେ ପଶି ବାମ ଭାଗରୁ କ୍ରମଶଃ ଦକ୍ଷିଣ ଭାଗକୁ ଗଲେ ନିମ୍ନଲିଖିତ ଯୋଗିନୀଙ୍କୁ ଭେଟି ପାରିବା । ସେଥିରୁ କେତେକ ଜ୍ଞାତ ଓ କେତେକ ଏ ପର୍ଯ୍ୟନ୍ତ ଅଜ୍ଞାତ ଅଛନ୍ତି । ସେମାନଙ୍କର ନାମ ନିର୍ଦ୍ଦିଷ୍ଟ ହୋଇ ପାରିନାହିଁ ।

୧- ମାୟା (ପ୍ରେତବାହନା), ୨- ଅଜ୍ଞାତ, ୩- ନର୍ମଦା, ୪- ଯମୁନା, ୫- ଲକ୍ଷ୍ମୀ, ୬- ଅଜ୍ଞାତ, ୭- ଗୌରୀ ବା କ୍ଷମଙ୍କରୀ, ୮- ଇନ୍ଦ୍ରାଣୀ ବା ଐନ୍ଦ୍ରୀ, ୯- ବାରାହୀ, ୧୦- ରଣବୀରା, ୧୧- ମୁରାଟୀ, ୧୨- ସୁରପୂଜିତା / ସୁରସୁନ୍ଦରୀ, ୧୩- ବିରୂପା ବା କାଳରାତ୍ରୀ, ୧୪- ଅଜ୍ଞାତ, ୧୫- ଚର୍ଚ୍ଚିକା, ୧୬- ମାର୍ଜାରୀ, ୧୭- ବୃଷଭାନନା, ୧୮- ବିନ୍ଧ୍ୟବାସିନୀ, ୧୯- ଅଜ୍ଞାତ, ୨୦- ଘଟବରା, ୨୧- ବିକରାଳୀ/କାକରାଳୀ, ୨୨- ଅଜ୍ଞାତ, ୨୩- ସରସ୍ୱତୀ, ୨୪- କୌବେରୀ, ୨୫- ବାରାହୀ/ଉଲ୍ଲୁକା, ୨୬-ନାରସିଂହୀ/ସିଂହମୁଖୀ, ୨୭- ଅଜ୍ଞାତ, ୨୮- ବିକଟାନନା, ୨୯- ଅଜ୍ଞାତ, ୩୦- କୌମାରୀ, ୩୧- ମହାମାୟା, ୩୨- ଉଷା, ୩୩- ଅଜ୍ଞାତ, ୩୪- ସର୍ପାସ୍ୟା/ବିଉଳା, ୩୫- ଯଶା, ୩୬- ବୈବସ୍ୱତୀ/ଅଘୋରା, ୩୭- ରୁଦ୍ରକାଳୀ, ୩୮- ମାତଙ୍ଗୀ/ଶୀଳତା/ବୈନାୟିକୀ, ୩୯- ଅଜ୍ଞାତ, ୪୦- ଅଭୟା/ବିରଜା, ୪୧- ମାହେଶ୍ୱରୀ, ୪୨- କାମାକ୍ଷୀ, ୪୩- ଅଜ୍ଞାତ, ୪୪- ଘଟବରୀ, ୪୫- ଅଜ୍ଞାତ, ୪୬- କାଳୀ, ୪୭- ଅଜ୍ଞାତ, ୪୮- ଅଜ୍ଞାତ, ୪୯- ଅଜ୍ଞାତ, ୫୦- ବ୍ରହ୍ମାଣୀ/ବ୍ରହ୍ମଣୀ, ୫୧- ଜ୍ୱାଳାମୁଖୀ, ୫୨- ଆଗ୍ନେୟୀ, ୫୩- ଅଗ୍ନିହୋତ୍ରୀ, ୫୪- ଅଦିତି, ୫୫- ଅଜ୍ଞାତ, ୫୬- ଚାମୁଣ୍ଡା/ବାୟୁବେଗା, ୫୭- ମାରୁତୀ/ଚନ୍ଦ୍ରକାନ୍ତୀ, ୫୮- ଗଙ୍ଗା, ୫୯- ତାରିଣୀ/ଧୂମାବତୀ ଓ ୬୦- ଗାନ୍ଧାରୀ ।

ଅଷ୍ଟମ ଓ ନବମ ଶତାବ୍ଦୀରେ ବହୁ ତନ୍ତ୍ର ସାଧକ ଓ ଭୈରବ ଏହି ପୀଠକୁ ଯୋଗିନୀ ସାଧନ ନିମନ୍ତେ ଆସିଛନ୍ତି । ସେମାନେ ପ୍ରଥମେ ମନ୍ଦିର ସମ୍ମୁଖରେ ସଂସ୍ଥାପିତା ସିଦ୍ଧିଦେବୀଙ୍କୁ ଆରାଧନା କରନ୍ତି । ନିର୍ଦ୍ଦିଷ୍ଟ ସଂଖ୍ୟକ ମନ୍ତ୍ର ପୁରଶ୍ଚରଣ ହୁଏ । ତା'ପରେ ମନ୍ଦିରର ବହିର୍ଭାଗରେ ଥିବା କାତ୍ୟାୟନୀମାନଙ୍କୁ ପୂଜାରେ ସନ୍ତୁଷ୍ଟ କରାଇଥାନ୍ତି । ସେଠାରେ ତାନ୍ତ୍ରିକମାନଙ୍କର ପରୀକ୍ଷା କରାଯାଏ । ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ମନ୍ଦିର ଦ୍ୱାରଦେଶରେ ଥିବା ଭୈରବଦ୍ୱୟଙ୍କର ସମ୍ମୁଖୀନ ହୁଅନ୍ତି । ସେଠାରୁ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ଯୋଗିନୀମାନଙ୍କ ପାଖରେ ପହଞ୍ଚିଥାନ୍ତି । ଯୋଗିନୀମାନଙ୍କୁ ବଳିଭୁଜା ଅର୍ପଣ କରି ମନ୍ତ୍ରଦ୍ୱାରା ସନ୍ତୁଷ୍ଟ କରି ସିଦ୍ଧପ୍ରାପ୍ତ ହୋଇଥା'ନ୍ତି ।

ଯୋଗିନୀ ସାଧନ ଦ୍ୱାରା ସାଧକ ବାକ୍‌ସିଦ୍ଧ, ମନ୍ତ୍ରସିଦ୍ଧି ଓ ଅଣିମାଦି ଅଷ୍ଟୈଶ୍ୱର୍ଯ୍ୟର ଅଧିକାରୀ ହୋଇଥାନ୍ତି । ମାତ୍ରାଦି ଲିଙ୍ଗପୀଠରେ ଥିବା ଅଜୈକପାଦ ଭୈରବଙ୍କର ସନ୍ତୁଷ୍ଟି ବିନା ସାଧକର ସିଦ୍ଧି ପ୍ରାପ୍ତ ଅଧୁରା । ଏଣୁ ସେ ଆପଣାକୁ ଶିବରୂପ ସ୍ୱୀକୃତି କରାଇପାରେ ନାହିଁ । ତତ୍‌କାଳୀନ ସାହିତ୍ୟରେ ଭୈରବ, ଭୈରବୀ, କାପାଳିକ ଓ ଯୋଗିନୀମାନଙ୍କ ବହୁ ଅଲୌକିକ କଥା ବର୍ଣ୍ଣିତ ହୋଇଛି । ହୀରାପୁର ଯୋଗିନୀ ପୀଠରୁ ବହୁ 'କାୟସିଦ୍ଧ' ଭୈରବ ଓ ଯୋଗିନୀ ସୃଷ୍ଟି ହୋଇଥିଲେ । ଓଡିଆ ପୁରାଣମାନଙ୍କରେ ତଥା ସାରଳା ମହାଭାରତରେ ଭୈରବ ତଥା କାପାଳିକମାନଙ୍କର କରାମତି ବିଷୟରେ ବିଶେଷ ଭାବେ ବର୍ଣ୍ଣିତ ଅଛି । ସେହିଭଳି ସଂସ୍କୃତ ସାହିତ୍ୟରେ ମଧ୍ୟ ଯୋଗିନୀ କୌଳସାଧନା କାପାଳିକମାନେ କରୁଥିବା ବର୍ଣ୍ଣନା ହୋଇଛି । ଯାଜ୍ଞବଳ ସ୍ମୃତି ଓ ଗାଥା ସପ୍ତଶତୀରେ କପାଳଧାରୀ କାପାଳିକ କଥା ବର୍ଣ୍ଣନା କରାଯାଇଛି । ଆଉ ମଧ୍ୟ ବୌଦ୍ଧଗ୍ରନ୍ଥ ଲଳିତ ବିସ୍ତାରରେ କାପାଳିକମାନଙ୍କର ବସ୍ତ୍ର, ଆୟୁଧ ବିଷୟରେ ବର୍ଣ୍ଣନା କରାଯାଇଛି । ବାଣଭଟ୍ଟଙ୍କର କାଦମ୍ବରୀ ଓ ହର୍ଷ ଚରିତ, ଭବଭୂତିଙ୍କର ମାଳତୀମାଧବ ନାଟକରେ କାପାଳିକ ଚରିତ୍ର ଚିତ୍ରଣ କରାଯାଇଛି । ସେହିଭଳି ବ୍ରହ୍ମାଣ୍ଡ ପୁରାଣ, ବାୟୁ ପୁରାଣ ଏବଂ ମତ୍ସ୍ୟ ପୁରାଣରେ କାପାଳିକମାନଙ୍କ ସମ୍ବନ୍ଧରେ ଅନେକ କିମ୍ବଦନ୍ତୀ

ଅଛି । ଅଭିଲେଖାମାନଙ୍କରେ ମଧ୍ୟ ରାଜା ମହାରାଜାମାନେ ଏମାନଙ୍କ ବିଷୟରେ ଉଲ୍ଲେଖ କରିଯାଇଛନ୍ତି । ଓଡିଶାର ଭୁବନେଶ୍ୱରଠରେ ଥିବା ବୈତାଳ ମନ୍ଦିର, କାପାଳିକ ମନ୍ଦିର ନାମରେ ଖ୍ୟାତ । ଏହି ମନ୍ଦିରରେ ଅଷ୍ଟଭୁଜା ଚାମୁଣ୍ଡା ପୂଜା ପାଆନ୍ତି ।

ପରବର୍ତ୍ତୀ ସମୟରେ ଝଙ୍କଡ ନିବାସୀ ସାରଳା ଦାସ ଦେବୀକୃପା ଲାଭ ପରେ ଶାକ୍ତପୀଠ ଅନ୍ୱେଷଣରେ ଆଗ୍ରହୀ ହୋଇଛନ୍ତି । ସେ ହୀରାପୁରେ ୬୪ ଯୋଗିନୀ ପୀଠ ଦର୍ଶନ କରିଛନ୍ତି ମାତ୍ର ଶହ ଶହ ବର୍ଷ ପରେ ମନ୍ଦିରର ମୂର୍ତ୍ତିଗୁଡିକ ପାଣି ଉତ୍ତାପ ଓ ପବନ ସଂସ୍ପର୍ଶରେ ଅସ୍ପଷ୍ଟ ହୋଇ ସାରିଥିଲେ । ତେଣୁ ସେ ସମସ୍ତ ଯୋଗିନୀ ଓ ତାଙ୍କର ଆୟୁଧ ବାହନକୁ ଚିହ୍ନି ପାରିନାହାନ୍ତି । ତାଙ୍କର 'ଚଣ୍ଡୀ ପୁରାଣ'ରେ ସମ୍ପୂର୍ଣ୍ଣ ୬୪ ଯୋଗିନୀଙ୍କର ବର୍ଣ୍ଣନା କରିପାରି ନାହାନ୍ତି । ତେଣୁ ସେ ୪୬ଟି ବେଶ ମୂର୍ତ୍ତିଙ୍କର ବିବରଣୀ ଦେବା ସହିତ ୩୦ଟି ବାହନ କଥା ଉଲ୍ଲେଖ କରିଯାଇଛନ୍ତି । ଏଠାରେ ସେହି ବିବରଣୀ ପ୍ରଦାନ କରାଗଲା ।

୧- ବ୍ରହ୍ମାୟଣୀ (ବାହନ-ହଂସ), ୨- ନାରାୟଣୀ (ଗରୁଡ), ୩- ଇନ୍ଦ୍ରାୟଣୀ (ହସ୍ତୀ), ୪- ରୁଦ୍ରାୟଣୀ (ବଇଲ ବା ଷଣ୍ଢ), ୫- ଭୈରବୀ (ସମ୍ପାତି ବା ଛଞ୍ଚାଣ), ୬- ଭଦ୍ରକାଳୀ (ବ୍ୟାଘ୍ର), ୭- ଚର୍ଚ୍ଚିକା (ଶବ), ୮- ଉଗ୍ରତାରା (ବରାହ), ୯- ଅନ୍ନପୂର୍ଣ୍ଣା ମହାମାୟୀ (ସିଂହ), ୧୦- ବିରଜା (ବିଛା), ୧୧- ଚାମୁଣ୍ଡା (ଭାଲୁ), ୧୨- କଙ୍କାଳୀ (ମୟୂର), ୧୩- ମୁରାଟୀ (ଓଟ), ୧୪- ମାତଙ୍ଗୀ (ଗନ୍ଧର୍ବ), ୧୫- ମହାମାୟା (ହରିଣ), ୧୬- ବରାହୀ (କାଳାକୁକୁର), ୧୭- ଛାୟା (ଶମ୍ବର), ୧୮- ମାୟା (ଶମ୍ବର), ୧୯- ବାହୁତୀ (ବରାହ), ୨୦- ବିକରାଳୀ (ଶୃଗାଳ), ୨୧- ବିମଳା (ସିଂହ), ୨୨- ଚକ୍ରକ୍ରାନ୍ତି (ମେଷ), ୨୩- କାମାକ୍ଷୀ (କୁକ୍କୁଟ), ୨୪- ଚନ୍ଦ୍ରକାନ୍ତି (ବାହୁଟିଆ), ୨୫- ବେତାଳୀ (ବଳିଆକୁକୁର), ୨୬- କପାଳୀ (ଶାର୍ଦ୍ଦୁଳ), ୨୭- ଚଞ୍ଚଳା (ମହିଷ), ୨୮- ତ୍ରିପୁରା (ଶମ୍ବର), ୨୯- ହେଙ୍ଗୁଳା (ଶାର୍ଦ୍ଦୁଳ), ୩୦-ବିରୂପା (ପେଚା) ।

ହୀରାପୁର ଓ ରାଣୀପୁର ଝରିଆଲ ଯୋଗିନୀ ମନ୍ଦିରର ଶିଳ୍ପ ଚାତୁରୀ ମନୋରମ । ଏହା ଯେ ହିନ୍ଦୁ ମତ ଅନୁସାରେ ଗଠିତ କି ବୌଦ୍ଧ ତନ୍ତ୍ର ଦ୍ୱାରା ଅନୁପ୍ରାଣିତ ଠିକ୍ ରୂପେ କହିହେବ ନାହିଁ । ବୋଧେ ଏହା ହିନ୍ଦ-ବୌଦ୍ଧ ଉଭୟ କଳା ଚାତୁର୍ଯ୍ୟରେ ଅଭିନବ ସୃଷ୍ଟି ।

ହୀରାପୁର ଯୋଗିନୀ ପ୍ରତିମାଗୁଡିକର ଗଠନ, ବେଶଭୂଷା, ସାଜସଜ୍ଜା, କେଶବିନ୍ୟାସ, ଠାଣି ଓ ଆଭୂଷଣ ଅଳଙ୍କାରଗୁଡିକ ଅତୀବ ସୁନ୍ଦର । ଦେବୀମାନଙ୍କର ସବୁ ସ୍ୱତନ୍ତ୍ର ବାହନ ଅଛି । ମାତ୍ର ରାଣୀପୁର ଝରିଆଲରେ ଦେବୀମାନଙ୍କର ବାହନ ନାହିଁ । ହୀରାପୁର ଯୋଗିନୀମାନଙ୍କର ଗଠନର ସୌଷ୍ଟବ ଉତ୍କଳୀୟ ପରମ୍ପରା ମୁତାବକ ହୋଇଅଛି । ଓଡିଶା କଳାକାରଙ୍କର ମୌଳିକ ସୃଜନ ଶକ୍ତିର ପରିସ୍ଫୁଟ ଏଠାରେ ଘଟିଛି ।

ହୀରାପୁର ଯୋଗିନୀମାନଙ୍କର ସୁସଜ୍ଜିତ ଗଭାରେ, ପଦ୍ମକଢିର ମାଳା, ଅନ୍ୟାନ୍ୟ ଫୁଲର ସୁନ୍ଦରମାଳା ସବୁ ବେଷ୍ଟିତ ହୋଇ ରହିଛି । ମୂଲ୍ୟବାନ ମୁକୁଟ ଧାରଣ କରିଛନ୍ତି, କର୍ଣ୍ଣ ଓ କଣ୍ଠରେ ବିବିଧ ପ୍ରକାର ସୂକ୍ଷ୍ମକାରୁକାର୍ଯ୍ୟ ପୂର୍ଣ୍ଣ ଅଳଙ୍କାର ଶୋଭା ପାଉଛି । ନାଭିର ନିମ୍ନ ଭାଗରେ ଝିନବସ୍ତ୍ର ଓ କଟୀସୂତ୍ର ଖଚିତ ହୋଇଛି । ପାଦରେ ସୁନ୍ଦର ନୂପୁର ଖଞ୍ଜା ଯାଇଛି । ମାତ୍ର ରାଣୀପୁରର ପ୍ରତିମାଗୁଡିକରେ କେବଳ ସ୍ୱଚ୍ଛ ଆବରଣ ବେଷ୍ଟିତ ଥିବା ଦେଖାଯାଏ ।

ଏଠାରେ ଜଣେ ସାଧକ ସାଧନା କଲେ ଓ ନିଷ୍ଠା ରଖିଲେ ସହଜରେ ଯୋଗିନୀମାନେ ପ୍ରତ୍ୟକ୍ଷ ଭାବେ ମୂର୍ତ୍ତି ମଧ୍ୟରେ ଆବିର୍ଭୂତା ହେଉଥିବେ ଏଥିରେ ତିଳେହେଲେ ସନ୍ଦେହ ନାହିଁ ।

**ଭୈରବୀ ତତ୍ତ୍ୱ :** ଏଠାରେ ପ୍ରୟୋଗ ବିଦ୍ୟାକୁ କାଳାରାତ୍ରି ବିଦ୍ୟା ମଧ୍ୟ କୁହାଯାଏ । ଏହାଙ୍କର ଶିବ ଦକ୍ଷିଣା ମୂର୍ତ୍ତି କାଳ ଭୈରବ ଅଟନ୍ତି । ତନ୍ତ୍ରାନ୍ତର୍ଗତ ପଞ୍ଚମ ମହାବିଦ୍ୟା ଛିନ୍ନମସ୍ତା ଭୈରବୀଙ୍କର ସମ୍ବନ୍ଧ ମହାପ୍ରଳୟ ସହିତ ଥିବାବେଳେ ୬ଷ୍ଠ ବିଦ୍ୟାକାଳ ଭୈରବୀଙ୍କର ସମ୍ବନ୍ଧ ନିତ୍ୟ-ପ୍ରଳୟ ସଙ୍ଗେ ରହିଛି । ପ୍ରତି ବସ୍ତୁ ଏବଂ ପ୍ରାଣୀ ନିତ୍ୟ ପ୍ରତିକ୍ଷଣ ନଷ୍ଟ ବା ଧ୍ୱଂସ ହେଉଛନ୍ତି । ଏହି କାର୍ଯ୍ୟ ଦକ୍ଷିଣ ଦିଗପତି 'ଯମ' ବା ଦକ୍ଷିଣାମୂର୍ତ୍ତି କାଳ ଭୈରବଙ୍କ ଦ୍ୱାରା ହୁଏ । ଏହାଙ୍କର ଶକ୍ତି ହେଲେ କାଳ ଭୈରବୀ । ରାଜରାଜେଶ୍ୱରୀ ଭୁବନେଶ୍ୱରୀ ଯେପରି ତ୍ରିପୁର (ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ)କୁ ପ୍ରତିକ୍ଷଣରେ ପାଳନ ପୋଷଣ ପୂର୍ବକ ଅନ୍ନ ଯୋଗାଉଛନ୍ତି, ସେହିପରି ତ୍ରିପୁର-ଭୈରବୀ

କ୍ଷଣମାତ୍ରେହିଁ ସବୁକୁ ଗ୍ରାସ କରୁଛନ୍ତି । ତେଣୁ ଯମଙ୍କର କାଳପାଶ ଏବଂ ମୃତ୍ୟୁର ଇଷ୍ଟ ଦେବୀ ଭାବେ ଏହି ଭୈରବୀ ସମସ୍ତଙ୍କର ମନରେ ଭୟ ସୃଷ୍ଟି କରିଥାନ୍ତି । ତେଣୁ ଯମ–ଦଣ୍ଡ, ନରକ ଯନ୍ତ୍ରଣା, ଆଧି, ବ୍ୟାଧି ତଥା ସକଳ ପ୍ରକାର ଦୁଃଖ କ୍ଳେଶରୁ ମୁକ୍ତି ପାଇବା ପାଇଁ ଏହି ଅପରା ଡାକିନୀ ତ୍ରିପୁର ଭୈରବୀଙ୍କର ଉପାସନା କରାଯାଏ । ଦକ୍ଷିଣାଗ୍ନି, ଦକ୍ଷିଣମୂର୍ତ୍ତି କାଳ–ଭୈରବ ଦକ୍ଷିଣ ଦିଗ୍‌ପତି ଯମରାଜ ଏବଂ ତଦୀୟ– ଶକ୍ତି ଭୈରବୀ ଦେବୀ ତନ୍ତ୍ରରେ ଏକ ମୁଖ୍ୟ ସ୍ଥାନ ଅଧିକାର କରନ୍ତି । ଏହି ପୃଥିବୀରେ ଜନ୍ମ ହେବା, ଦୁଃଖ କ୍ଳେଶ ଭୋଗିବା ଏବଂ ଶେଷରେ ମୃତ୍ୟୁରେ ପଡିବା ସବୁକାର୍ଯ୍ୟ ତାଙ୍କ ଦ୍ୱାରାହିଁ ଠିକ୍ ସମୟରେ ହୋଇଥାଏ । ତାଙ୍କର କୃପା ହେଲେ ସାଧକ ଅମରତ୍ୱ, ଅମୃତତ୍ୱ, ଶାନ୍ତି, ସୌଭାଗ୍ୟ ଏବଂ ନିରାମୟ ଆପଦଶୂନ୍ୟ ଜୀବନଯାପନ କରିପାରେ । ଶ୍ରୀ ଶ୍ରୀ ଚଣ୍ଡୀରେ ୩ୟ ଅଧ୍ୟାୟରେ ଯେଉଁ ଧ୍ୟାନ ଅଛି, ତାହା ମହିଷାସୁର ଘାତିନୀ ଭୈରବୀଙ୍କର ସ୍ୱରୂପ ଅଟେ । ତେଣୁ 'ଭୟେ ଭୈରବୀ ପୂଜୟେତ୍ ।'

**ପୂଜାରେ ବ୍ୟବହୃତ ଗୁର୍ବାଦି ନବପାତ୍ର :** ଗୁରୁପାତ୍ର– ଏହା ସ୍ୱର୍ଣ୍ଣ ନିର୍ମିତ, ଶକ୍ତିପାତ୍ର, ରଜତ ନିର୍ମିତ, ଶ୍ରୀପାତ୍ର– ମହାଶଙ୍ଖ ବା ନରକପାଳ ଦ୍ୱାରା ନିର୍ମିତ, ଅନ୍ୟାନ୍ୟ ପାତ୍ର ସବୁ ତାମ୍ର ନିର୍ମିତ । ଯଥା ସମ୍ଭବ ପାଷାଣ, କାଷ୍ଠ, ଲୌହ ପାତ୍ର ବର୍ଜନ କରିବେ । ଯୋଗିନୀ ପାତ୍ର, ବୀର ପାତ୍ର, ପାଦ୍ୟ ପାତ୍ର, ଭୋଗ ପାତ୍ର, ବଳିପାତ୍ର, ଅଚମନୀ ପାତ୍ର ଇତ୍ୟାଦି ।

**କାମବୀଜ :** କ୍ଳୀଂ, ୩– ଅସ୍ତ୍ରଫଟ, ୪– ପ୍ରଣବ–ଓଁ, ୫– ଅଳିଯନ୍ତ୍ର (କମଣ୍ଡଳୁ ଆକାର ପାତ୍ର), ୬– ଆନନ୍ଦ ଭୈରବ ସହସ୍ର ଦଳ କମଳ ମଧ୍ୟରେ ଯେଉଁ ଅମୃତ ରହିଛି, ତାହାହିଁ ହେତୁ ବା କାରଣ । ସେହି କାରଣୋଦକରୁ ସମଗ୍ର ବ୍ରହ୍ମାଣ୍ଡ ଉଦ୍ଭବ ହୋଇଛି । ସେହି କାରଣ ଜଳରେ (ମଦ୍ୟ) ଆନନ୍ଦ ଭୈରବ ଏବଂ ଆନନ୍ଦ ଭୈରବୀ ଆଲିଙ୍ଗନାବଦ୍ଧ ହୋଇ ସାମ୍ୟରସରେ ରତାସକ୍ତ । ମନ୍ତ୍ର : ଓଁ ହସକ୍ଷପ୍ରେଂ ହସକ୍ଷମଳ ବରୟୁଂ– (ଦ୍ୱାଦଶାକ୍ଷର) ଏହି ବୀଜମାନ ସହସ୍ର ଦଳ କମଳରେ ଗୁପ୍ତ ସ୍ଥାନରେ ଦ୍ୱାଦଶଦଳ ହୋଇ ବିରାଜମାନ । ଏହା ଗୁରୁ ପାଦୁକା ବା ଆନନ୍ଦ ବ୍ରହ୍ମ । ୭– ପାଶବୀଜ– ଆଂ, ମାୟା– ହ୍ରୀଂ, ଅଙ୍କୁଶ– କ୍ରୋଂ । ଅଗ୍ନି ସୁନ୍ଦରୀ ସ୍ୱାହା । ଏହା ପ୍ରାଣ ପ୍ରତିଷ୍ଠା ମନ୍ତ୍ର ମଧ୍ୟ । ଏହି ମନ୍ତ୍ରରେ ଆନନ୍ଦ–ବ୍ରହ୍ମରୂପୀ କାରଣ (ମଦ୍ୟ) ବା ସୁରା ଶୋଧନ ହୁଏ । ୮– ପଞ୍ଚତାରା:– ବାଗ୍‌ବୀଜ– ଐଂ, ମାୟା– ହ୍ରୀଂ, ରମା– ଶ୍ରୀଂ, ଖେଚରୀ– ହ୍ରୂଂ, ପ୍ରସାଦ– ହୌଂ । ୯– ଦୀକ୍ଷା– ହେତୁ ଦ୍ରାକ୍ଷାରୁ ପ୍ରସ୍ତୁତ ମଦ୍ୟ, ୧୦– ଗୌଡ ହେତୁ– ଗୁଡରୁ ପ୍ରସ୍ତୁତ ମଦ୍ୟ, ୧୧– ତିତ୍ତିର୍ଯ୍ୟଦିପକ୍ଷୀ– ତିତିରି ପକ୍ଷୀ, ୧୨– ପୌଷ୍ଟିହେତୁ– ପିଷ୍ଟକରୁ ନିର୍ମିତ ମଦ୍ୟ, ପଳାଣ୍ଡୁ– ବିରିପିଠା, ଗୁଞ୍ଜନ– ଅଦା, ୧୩– ଧାନ୍ୟହେତୁ– ଚାଉଳ, ମାଧ୍ୱୀହେତୁ– ମହୁଲି, ଖର୍ଜ୍ଜୁରୀ ହେତୁ– ତାଡି, ତ୍ରିକଟୁ– ଶୁଣ୍ଠି, ପିପ୍‌ପଳି, ମରିଚ, ବାଲକଳୀ– ବଉଳି ।

**ଦଶକୁଟା ଭୈରବୀ ମନ୍ତ୍ର :** ଐଂ କ୍ଳୀଂ ସୌଃ ହ୍ରସୈଂ ହସ୍ରୈ ହ୍ରସ୍ୱ ଲରେଂ ହ୍ରସୌଂ । ଏହି ମନ୍ତ୍ର ନଅଟି କୁଟରେ ବିଭକ୍ତ । ଏହା ସହିତ ତନ୍ତ୍ର ପ୍ରଣବ ହ୍ରୀଂ ଯୋଗ କଲେ ଦଶକୁଟାତ୍ମକ ଭୈରବୀ ମନ୍ତ୍ର ହୁଏ । ତନ୍ତ୍ର ଶାସ୍ତ୍ରରେ ବହୁ ପ୍ରକାର ଭୈରବୀ ମନ୍ତ୍ର ଅଛି । ଯଥା– କୌଳେଶ– ଭୈରବୀ, ସକଳ– ସିଦ୍ଧିଦା ଭୈରବୀ, ଭୟ ବିଧ୍ୱଂସିନୀ ଭୈରବୀ, କାମେଶ୍ୱରୀ– ଭୈରବୀ, ନିତ୍ୟ ଭୈରବୀ, ତ୍ରିପୁରାବାଳା–ଭୈରବୀ,ଅନ୍ନପୂର୍ଣ୍ଣା ଭୈରବୀ,ଭୁବନେଶ୍ୱରୀ ଭୈରବୀ, ରୁଦ୍ର ଭୈରବୀ, ଷଟ୍‌କୁଟା ଭୈରବୀ, ଚୈତନ୍ୟ ଭୈରବୀ, ସମ୍ପଦ ପ୍ରଦା– ଭୈରବୀ, ତ୍ରିପୁର ଭୈରବୀ, ଅକ୍ଷୋଭ– ଭୈରବୀ (ତାରା), ସଦାଶିବ– ଭୈରବୀ (ତ୍ରିପୁରା), ମହାକାଳ ଭୈରବୀ (କାଳୀ) ଏହିପରି ନାନାଭାବ ଏବଂ ନାନା ବର୍ଣ୍ଣର ଭୈରବୀ ମନ୍ତ୍ର ରହିଛି ।

ଯୋଗିନୀ ପୀଠ ହୀରାପୁର ବିଜ୍ଞ ଗବେଷକମାନଙ୍କର ଦୃଷ୍ଟି ଅନ୍ତରାଳରେ ରହିଯାଇଥିଲା, ବିଶିଷ୍ଟ ଐତିହାସିକ, ପ୍ରତ୍ନତତ୍ତ୍ୱବିତ୍, ଶ୍ରୀ କେଦାରନାଥ ମହାପାତ୍ର ୧୯୫୩ ମସିହାରେ ଉକ୍ତ ପୀଠ ଆବିଷ୍କାର କରିଥିଲେ । ସେଥି ନିମନ୍ତେ ଶ୍ରୀ ମହାପାତ୍ର ସ୍ମରଣୀୟ ହେବା ସଙ୍ଗେ ସଙ୍ଗେ ଭାରତୀୟ ଯୋଗିନୀ ସାଧନ ପରମ୍ପରାକୁ ନୂତନ ଦିଗ୍‌ଦର୍ଶନ ପ୍ରଦାନ କରିଯାଇଛନ୍ତି । ପାଖରେ ଥିବା ପୁଷ୍କରିଣୀ ମଧ୍ୟ ତନ୍ତ୍ର ସାଧନ କ୍ଷେତ୍ରରେ ପ୍ରମୁଖ ଭୂମିକା ନିଭାଉଥିଲା । ଏହି ଲେଖକର 'ଯୋଗିନୀ' ଉପନ୍ୟାସିକାରେ ସେ ବିଷୟରେ ବର୍ଣ୍ଣନା କରାଯାଇଛି । ଉକ୍ତ ସ୍ଥାନରେ ଦଶହରା ସମୟରେ ଅଷ୍ଟମୀ ଦିନ ଚଣ୍ଡୀ ପାଠ କରଯାଇ ମାଛ, ଡାଲମା ଓ ଅନ୍ନଭୋଗ କରାଯାଏ । ଅଧୁନା ମାଘ ସପ୍ତମୀଠାରୁ ଯୋଗିନୀ ମହୋତ୍ସବ ଓ ମହାମାୟା ମହାଯଜ୍ଞ ଅନୁଷ୍ଠିତ ହେଉଅଛି ।

କାଳର କରାଳ ହସ୍ତରୁ ରକ୍ଷା ପାଇବା ପାଇଁ ପ୍ରଯତ୍ନ ନେବା ଉଚିତ୍ । ଉକ୍ତ ତନ୍ତ୍ରପୀଠ ପାଣିପବନ ଉତ୍ତାପ ଦାହରେ ବିଲୟ ହେବାକୁ ଲାଗିଲାଣି । ଏଣୁ ଉକ୍ତ ଉନ୍ମୁକ୍ତ ମନ୍ଦିର

ଚାରିପାଖରେ ସୁଉଚ୍ଚ ସ୍ତମ୍ଭ ନିର୍ମାଣ କରି ଉପରେ ଛାତର ବ୍ୟବସ୍ଥା କରାଗଲେ, ଆଗାମୀ ବହୁ ବର୍ଷ ପର୍ଯ୍ୟନ୍ତ ଉକ୍ତ ଯୋଗିନୀ ମନ୍ଦିର ସୁରକ୍ଷିତ ହୋଇ ରହିପାରିବ ।

ପଣ୍ଡିତମାନଙ୍କର ପରାମର୍ଶ ଅନୁସାରେ ପୀଠରେ ପୂଜାପାର୍ବଣ ଲାଗି ରହିଲେ, ପର୍ଯ୍ୟଟକମାନଙ୍କର ସମାବେଶ ହେବ ଓ ପୀଠର ଉନ୍ନତି ସାଧନରେ ସହାୟତା ହେବ ।

**ସହାୟକ ଗ୍ରନ୍ଥସୂଚୀ**

୧. ଅଗ୍ନିପୁରାଣ (ସଂସ୍କୃତ)
୨. ବୃହତ ନନ୍ଦିକେଶ୍ୱର ପୁରାଣ (ସଂସ୍କୃତ)
୩. କାଳିକା ପୁରାଣ (ସଂସ୍କୃତ)
୪. ପ୍ରାଚୀ ମାହାତ୍ମ୍ୟ (ସଂସ୍କୃତ ଓ ଓଡ଼ିଆ)
୫. ଲଳିତ ବିସ୍ତାର (ସଂସ୍କୃତ)
୬. ଭାରତୀୟ ତନ୍ତ୍ର ଶାସ୍ତ୍ର– ଶ୍ରୀ ନୀଳମଣି ମିଶ୍ର
୭. ଓଡ଼ିଶାର ଦେବଦେବୀ – ଦ୍ୱିତୀୟ ସ୍ତବକ – ଓଡ଼ିଶା ବୁକ୍ ଷ୍ଟୋର, କଟକ ।
୮. ଓଡ଼ିଶାର ତନ୍ତ୍ର ସଂସ୍କୃତି – କେଦାରନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର ।
୯. ଅମୃତାୟନ ପୂଜାସଂଖ୍ୟା – ୨୦୦୮
୧୦. ଉତ୍କଳ ପ୍ରସଙ୍ଗ
୧୧. ଚଣ୍ଡୀପୁରାଣ – ସାରଳା ଦାସ
୧୨. ସାରଳା ମହାଭାରତ
୧୩. ମାର୍କଣ୍ଡେୟ ପୁରାଣ (ସଂସ୍କୃତ)
୧୪. ପୂର୍ଣ୍ଣଚନ୍ଦ୍ର ଭାଷାକୋଷ
୧୫. ବୃହତ ସଂହିତା– ବରାହମିହିର
୧୬. ସାରଳା ମହାଭାରତରେ ଧାର୍ମିକ ପରମ୍ପରା– ଡକ୍ଟର ରାଘବାନନ୍ଦ ନାୟକ
୧୬. କଲ୍ୟାଣ (ହିନ୍ଦୀ)
୧୭. ଶାକ୍ତ ପ୍ରମୋଦ (ସଂସ୍କୃତ)
୧୮. ମନ୍ତ୍ର ମହାର୍ଣ୍ଣବ
୧୯. 'ତନ୍ତ୍ର ଭୈରବୀ' (ଉପନ୍ୟାସ) ଡକ୍ଟର ତ୍ରିନାଥ ପଟ୍ଟନାୟକ

ସମ୍ପାଦକ, ପୁରାଣ ପତ୍ରିକା
ନିଆଳୀ– ୭୫୪୦୦୪, ଜିଲ୍ଲା– କଟକ

